# Akashvani, Sambalpur

## SAMBALPURI NEWS BULLETIN

### 14 February 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ ବିଶ୍ୱପ୍ରସିଦ୍ଧ ମହିମା ମେଳା     ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଢେଙ୍କାନାଲ୍ ଯୋରନ୍ଦା ଗସ୍ତଥି ଆସୁଛନ୍ । ମୁଖ୍ୟମନ୍ତ୍ରୀ ବିଶ୍ୱପ୍ରସିଦ୍ଧ ମହିମା ମେଳାଥି ଯୋଗ୍ ଦେବେ । ମହିମାଗାଦୀ ବୁଲ୍‌ବାର୍ ସଙ୍ଗେ ମହିମା ଗୋସେଇଁ ଆର୍ ସାଧୁମାନ୍‌କର୍‌ନୁ ଆଶିର୍ବାଦ୍ ନେବେ ବଲି ସୂଚ୍‌ନା ମିଲିଛେ ।

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ     I&PR

ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆ ଠାନେ ଆଏଜ୍‌ଠାନୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ୍ ହେବା । ଇ ଅବ୍‌ସରେ ଆଏଜ୍ ସଖାଲର୍ ୬ ବଜେନୁ ଓୟୁଏଟି ଭେଟ୍‌ନାରୀ

କଲେଜ୍‌ଠାନୁ ବର୍‌ମୁଣ୍ଡା ପଡ଼ିଆତକ୍ ଗୁଟେ ୱାକାଥନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ, ୧୬ ତାରିଖ୍‌ତକ୍ ହେବାର୍‌କେ ଥିବା ସମାବେଶ୍‌ଥି ରାଜ୍ୟର୍ ଫି’ ବ୍ଲକ୍‌ନୁ ୨୬ ଝନ୍ ଲେଖା ଚାଷୀ ଯୋଗ୍ ଦେବେ । ଫି’ ଉପଖଣ୍ଡନୁ ୪ ଝନ୍ ଲେଖା ପ୍ରାଣୀ ପାଳକ ଆର୍ ମାଛ୍ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା । ଇ ଅବ୍‌ସରେ ‘ମନ୍ତ୍ରୀ ପଚାରନ୍ତୁ’ କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ସିଧାସଲଖ୍ ଚାଷୀମାନ୍‌କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖିବେ । ସେନ୍ତା ଭିନ୍ ଭିନ୍ ରାଏଜ୍‌ଜୁ ମଇଁଷି, ଗାଏ ଆର୍ କୁକୁର୍ ମାନ୍‌କର୍ ପ୍ରଦର୍ଶନୀ ହେବା । ଇ ବଛର୍ ସମାବେଶ୍‌ର ବିଷୟବସ୍ତୁ ହେଉଛେ ‘ମତ୍ସ୍ୟ ଓ ପ୍ରାଣୀ ପାଳନ, ଜୀବନ ଜୀବିକା, ଜୈବ ସନ୍ତୁଳନ’ ।

ଟିବି ଚିହ୍ନଟ୍             ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ବିନା ଲକ୍ଷଣ୍ ସାଙ୍ଗେ ବାହାର୍‌କେ ଧରା ନାଇଁ ପଡୁଥିବା ଯକ୍ଷ୍ମା ରୋଗ୍‌କେ ଚିହ୍ନଟ୍ କର୍‌ବାର୍ ଲାଗି ରାଏଜେ ମୁଲ୍ ହେବାର୍‌କେ ଯାଉଛେ ସାଇଟୋକ୍ରୋମ୍ ଟିବି -ସିୱାଇ ଯକ୍ଷ୍ମା ପରୀକ୍ଷା ବ୍ୟବସ୍ଥା । ଜାତୀୟ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍‌ଥି ଇ

ପରୀକ୍ଷାକେ ସାମିଲ୍ କରାଯାଇଛେ । ଆର୍ ଇହାଦେ ଇ ବାବ୍‌ଦେ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ତାଲିମ୍ ଦିଆଯାଉଛେ । ଇ ମାସ୍‌ନୁ ଇ ପରୀକ୍ଷା ଆରମ୍ଭ୍ କର୍‌ବାର୍ ଲାଗି ଗୁଟେ ନୂଆଁ ଏସ୍‌ଓପି ତିଆର୍ କରାହେଇଛେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ରୋଗ୍ ଚିହ୍ନଟ୍ କର୍‌ବାର୍ ଇ ନୂଆଁ ତରିକାଥି ୪୮ ନୁ ୭୨ ଘଂଟା ଭିତ୍‌ରେ ରୋଗ୍ ଚିହ୍ନଟ୍ ହେଇପାର୍‌ବା ।

ଯୋଜନା ଆର୍ ସଂଯୋଜନ୍ ବିଭାଗ-ବୁଝାମଣାପତ୍ର/ I&PR

ରାଏଜେ କର୍ମନିଯୁକ୍ତି ଆର୍ ରୋଜ୍‌ଗାର୍ ବଢ଼ାବାର୍ ଲାଗି ଓଡ଼ିଶା ଯୋଜନା ଆର୍ ସଂଯୋଜନ୍ ବିଭାଗ୍ ଆର୍ ଦି କନ୍‌ଭର୍‌ଜେନ୍ ଫାଉଣ୍ଡେସନ୍ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ଉନ୍ନୟନ କମିଶନର୍ ଆର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଉପସ୍ଥିତିଥି ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ବୁଝାମଣାପତ୍ର ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ ନୀତି ଆର୍ କାର୍ଯ୍ୟକ୍ରମ୍‌ର ଠିକ୍ ଭାବେ କାର୍ଯ୍ୟକାରୀ କର୍‌ବାର୍‌କେ ସାହାଜ୍ କର୍‌ବା ।

ଉଷା ପାଢ଼ୀ I&PR

ଓଡ଼ିଶାର୍ ସହରାଂଚଲ୍ ଶାସନ୍‌କେ ଆହୁରି କ୍ରୀୟାଶୀଳ କର୍‌ବାର୍ ଲାଗି ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ଗଲାକାଏଲ୍ ଗୁଟେ ବୈଠକ୍‌ଥି ଜୋର୍ ଦେଇଛେ । ବୈଠକ୍‌ଥି ଅଧ୍ୟକ୍ଷତା କରିକରି ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ସହରୀକରଣ୍‌ଥି ସଂସ୍କାର ଆନିକରି ରାଜ୍ୟର୍ ବିକାଶ୍ ଦିଗେ କାମ୍ କର୍‌ବାର୍‌କେ ସବୁ ସହରାଂଚଲ୍ ପୌରସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଦକ୍ଷତା ବିକାଶ୍, ଡିଜିଟାଲ୍ ଶାସନ୍ ଆର୍ ଗୋଷ୍ଠୀ ସହଭାଗିତା ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଶ୍ରୀମତୀ ପାଢ଼ୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବଲାଙ୍ଗିର୍ ଜିଲ୍ଲା ନ ଗଲାକାଏଲ୍ ଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଛନ୍ । ଖାସ୍‌କରି ତିଆରି ଚାଲିଥିବା ଅପର୍‌ଲାନ୍ତ ଜଲ୍‌ସେଚନ୍ ଅଗ୍ରଗତିର ତଦାରଖ୍ କରିଛନ୍ । ୨୦୨୭ ନଭେମ୍ବର୍ ମାସ୍ ତକ୍ ପ୍ରକଳ୍ପ ଶେଷ୍ ହେବା ବଲି ଆକଲନ୍ କରାଯାଇଛେ । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଖର୍‌ପାଖର୍ ଇଲାକା ନ ଚାଷ୍‌ଜମିଥି ପାଏନ୍ ମଡ଼ାବାର୍

ଲାଗି ଆର୍ ଅସୁବିଧା ନାଇଁ ରହେ । ଇଲାକାର୍ ଚାଷୀମାନେ ବହୁତ୍‌ଟେ ଲାଭ୍ ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଯୁକ୍ତ ଦୁଇ ପରୀକ୍ଷାର୍ଥୀ -ତଥ୍ୟ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଯୁକ୍ତ ଦୁଇ ପରୀକ୍ଷାର୍ଥୀ ମାନ୍‌କର୍ ତଥ୍ୟ ରଖ୍‌ବାର୍ ଲାଗି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ଗୁଟେ ଆଟେଣ୍ଡାଂଟ୍ ମଡ୍ୟୁଲ୍ ବ୍ୟବସ୍ଥା କରିଛେ । ଇ ମଡ୍ୟୁଲ୍‌ଥି କେତେ ଛାତ୍ରଛାତ୍ରୀ ପରୀକ୍ଷା ଦେଲେ, କେତେଝନ୍ କପି କରିକରି ଧରାପଡ଼୍‌ଲେ ତାର୍ ଟିକ୍‌ନିକ୍ ତଥ୍ୟ ଗୁଟେ କ୍ଲିକ୍‌ଥି ମିଲ୍‌ବା ବଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା କହିଛନ୍ ।

ଅଯୋଦ୍ଧାକେ ବସ୍ ସେବା ଆର୍‌ଏନ୍‌ୟୁ/ସମ୍ବଲପୁର

ଓଡ଼ିଶାନୁ ଖୁବ୍ ଜଲ୍‌ଦି ଅଯୋଦ୍ଧାକେ ବସ୍ ସେବା ମୁଲ୍ ହେବା । ଇ ବାବ୍‌ଦେ ରାଜ୍ୟ ସରକାର୍‌ଙ୍କ ସଙ୍ଗେ ଓଡ଼ିଶା ରାଜ୍ୟ ସଡ଼କ ଆଉ ପରିବହନ୍ ନିଗମ୍- ଓଏସ୍‌ଆର୍‌ଟିସିର କଥାବାର୍ତା ଚାଲିଛେ । କଥାବାର୍ତା ଆଗ୍‌କେ ବଢ଼୍‌ଲେ କୁମ୍ଭମେଲା ସର୍‌ବାର୍ ଉତ୍‌ରୁ ଇ ବସ୍ ଚଲାଚଲ ମୁଲ୍ ହେବା ବଲି ଓଏସ୍‌ଆର୍‌ଟିସିର୍ ଜିଏମ୍

ଲକ୍ଷ୍ମୀକାନ୍ତ ସେଠି କହିଛନ୍ । ସେ କହିଛନ୍, ଅଯୋଦ୍ଧା କେ ଫିଦିନ ବସ୍ ଚଲାବାର୍ ଲାଗି ବହୁତ୍ ଲୋକ୍ ଦାବି କରି ଆସୁଛନ୍ । ବସ୍ ଫି ଦିନ୍ ଚାଲ୍‌ବା କି ସପ୍ତାହକ ଦିନେ ଦୁଇଦିନ୍ ଚାଲ୍‌ବା ସର୍‌କାରଙ୍କର ସଙ୍ଗେ ଆଲୋଚନା ଉତ୍‌ରୁ ଜନାପଡ଼୍‌ବା ବଲି ଶ୍ରୀ ସେଠି କହିଛନ୍ ।

ଜାତୀୟ କ୍ରୀଡ଼ା       ଆର୍‌ଏନ୍‌ୟୁ/ସମ୍ବଲପୁର

ଉତରାଖଣ୍ଡ ନ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ାଥି ଓଡ଼ିଶାକେ ୫ ଟା ପଦକ୍ ମିଲିଛେ । ପାରାଲାଲ୍‌ବାର୍ ଥି ଜିମ୍‌ନାଷ୍ଟ ରାକେଶ୍ କୁମାର୍ ପାତ୍ର  ଆର୍ ନୌକା ଚାଲନା ମହିଳା ସ୍ପ୍ରିଂଟ୍ କେ- ୪ - ୫ ଶହ ମିଟର୍ ଖେଲ୍‌ଥି ଓଡ଼ିଶା ଦଲ୍ ସ୍ୱର୍ଣ୍ଣପଦକ୍ ଆନିଛନ୍ । ସେନ୍ତା ପୁରୁଷ ଟେବୁଲ୍ ଭଲ୍ଟ ଜିମ୍‌ନାଷ୍ଟିକ୍ ଖେଲ୍‌ଥି ତପେଶ୍ୱରନାଥ ଦାସ ରୌପ୍ୟ ପଦକ୍ ଜିତିଥିଲା ବେଲେ ମହିଳା ବାଲାନ୍ସି ବିମ୍‌ଥି ପ୍ରଣତି ନାୟକ କାଂସ୍ୟ ପଦକ୍ ଜିତିଛନ୍ ।
ଇତାର୍‌ସହେତେ ଓଡ଼ିଶା ଏଛେନ୍‌ତକ୍ ୪୬ ଟା ପଦକ୍ ଜିତିଛେ । ଇଥି ୧୪ ଟା ସ୍ୱର୍ଣ୍ଣ, ୧୫ ଟା ରୌପ୍ୟ ଆର୍ ୧୭ ଟା କାଂସ୍ୟ ପଦକ୍ ରହିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଛେ । ହେଲେ ରାତିର୍ ତାପମାତ୍ରା ଟିକେ କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ସବୁନୁ କମ୍ ତାତି ୨ ନୁ ୩ ଡିଗ୍ରୀତକ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ରାଜ୍ୟର୍ ୧୪ ଟା ସହରର ଦିନର୍ ତାପମାତ୍ରା ୩୪ ଡିଗ୍ରୀ ଉପ୍‌ରେ ରହିଥିଲା । ଆଏବାକାଏଲ୍ ଗୁଟେ ୨ ଟା ଜାଗା ନ କାଁ ଭାଁ କୁହୁଡ଼ି ଦେଖାଯିବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।